# REGIONAL NEWS UNIT, AIR CUTTACK
## Mid-day Bulletin (4.00PM)
### 12 May - 2024
### News Editor : Tapan Kumar Maharana
*********************************

## ମୁଖ୍ୟ ସମ୍ବାଦ

- ଦେଶର ଚତୁର୍ଥ ପର୍ଯ୍ୟାୟ ଏବଂ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତାକାଲି; ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ୧ ଲକ୍ଷ ୪୯ ହଜାର ମାମଲାର ହୋଇଛି ସମାଧାନ
- ବିଭିନ୍ନ ସ୍ଥାନରେ ପାଳିତ ହେଉଛି ବିଶ୍ୱ ମାତୃ ଦିବସ ଓ ଅର୍ନ୍ତଜାତୀୟ ସେବିକା ଦିବସ

ଏବଂ

- କାଳବୈଶାଖୀ ପ୍ରଭାବରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ବର୍ଷା ଏବଂ ଝଡ଼ତୋଫାନ ଲାଗି ରହିବା ନେଇ ପାଣିପାଗ ବିଭାଗର ସୂଚନା

# ଓଡ଼ିଶା ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଦେଶର ଚତୁର୍ଥ ପର୍ଯ୍ୟାୟ ତଥା ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା କାଲି ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୪ଟି ଲୋକସଭା ଆସନ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ଏବଂ ଏହି ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଆକାଶବାଣୀ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ଆସନ୍ତାକାଲିର ଭୋଟ୍ ସମ୍ପର୍କରେ ଏକ ରିପୋର୍ଟ...

**V/o-**

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ଗତକାଲି ୧ଲକ୍ଷ ୪୮ହଜାର ୮୨୦ଟି ମାମଲାର ସମାଧାନ ହୋଇଛି ବୋଲି ଜାତୀୟ ଆଇନ ସେବା ପ୍ରାଧିକରଣ ତଥ୍ୟରୁ ଜଣାପଡିଛି । ଲୋକ ଅଦାଲତରେ ବିଭିନ୍ନ ପକ୍ଷଙ୍କୁ ୧୨୭କୋଟି ୬୫ଲକ୍ଷ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଓଡିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ବିଭିନ୍ନ ଅଦାଲତରେ ଗତକାଲି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା ।

ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ୍ ୨ ହଜାର ୭୧୧ଟି ମାମଲାର ସମାଧାନ

କରାଯାଇ ମୋଟ୍ କ୍ଷତିପୂରଣ ବାବଦରେ ୫ କୋଟି ୨୨ ଲକ୍ଷରୁ ଅଧିକ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ନୂଆପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଖଡ଼ିଆଳ କୋର୍ଟ ପରିସରରେ ଆୟୋଜିତ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା କରାଯାଇ ୧ କୋଟି ୯୫ ଲକ୍ଷ ଊର୍ଦ୍ଧ୍ୱ ଟଙ୍କାରୁ ଆଦାୟ କରାଯାଇଥିଲା।

ସମ୍ବଲପୁର ଜିଲ୍ଲାର ସଦରମହକୁମା କୋର୍ଟ ଗୁଡ଼ିକ ସହିତ କୁଚିଣ୍ଡା ଏବଂ ରେଢ଼ାଖୋଲ ସବ୍‌ଡିଭିଜନର କୋର୍ଟ ଗୁଡ଼ିକରେ ଅନୁଷ୍ଠିତ ଲୋକ ଅଦାଲତରେ ୫୦ଟି ଦେୱାନୀ ୩୮୭ ଫୌଜଦାରୀ ଓ ୫ ହଜାର ୮୭୭ ରାଜସ୍ୱ ବିଭାଗ ମାମଲାର ସମାଧାନ କରାଯାଇଥିଲା।

## ବିଧାନସଭା ନିର୍ବାଚନ-ପୁରୀ

ପୁରୀ ଜିଲ୍ଲାରେ ଗୋଟିଏ ଲୋକସଭା ଅଧୀନରେ ୪ଟି ବିଧାନସଭା ଆସନ ବ୍ରହ୍ମଗିରି, ପୁରୀ ସଦର, ପିପିଲି ଏବଂ ସତ୍ୟବାଦୀ ଥିବାବେଳେ ଜଗତସିଂହପୁର ଲୋକସଭା ଆସନ ଅଧୀନରେ କାକଟପୁର ଏବଂ ନିମାପଡ଼ା ବିଧାନସଭା ଆସନ ଅନ୍ତର୍ଭୁକ୍ତ ରହିଛି। ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ରାଜନୈତିକ ପ୍ରସ୍ତୁତି ଏବଂ ପ୍ରଚାର ଚାଲିଛି। ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ **ପୁରୀ** ସମ୍ବାଦଦାତା **ସୌମିତ୍ର ରଞ୍ଜନ ହରିଚନ୍ଦନ**ଙ୍କ ରିପୋର୍ଟ....

**- V/O -**

# ମଦର୍ସ ଡେ

ମା’ ସବୁବେଳେ ପୂଜନୀୟା। ମଣିଷ ଜୀବନରେ ମା’ର ଭୂମିକା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସମାଜ ଗଠନରେ ଏବଂ ଏକ ସୁନ୍ଦର ସମ୍ପର୍କର ନିଦର୍ଶନ ଭାବରେ ମା’ମାନଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ମା’ ମାନଙ୍କର ଉତ୍ସର୍ଗୀକୃତ ଜୀବନକୁ ମନେ ପକାଇ ଆଜି ସାରା ବିଶ୍ୱରେ ପାଳିତ ହେଉଛି ମାତୃ ଦିବସ । ଏହି ଦିବସ ପ୍ରତିବର୍ଷ ମଇ ମାସର ଦ୍ୱିତୀୟ ରବିବାରରେ ପାଳନ କରାଯାଇଥାଏ। ୧୯୦୮ ମସିହାରେ ପ୍ରଥମେ ଆମେରିକାର ପଶ୍ଚିମ ଭର୍ଜିନିଆର ଗ୍ରାଫ୍ଟନ୍‌ସ୍ଥିତ ସେଣ୍ଟ ଆଣ୍ଡ୍ରିୟୁସ୍ ମେଥୋଡିଷ୍ଟ ଚର୍ଚ୍ଚରେମାତୃ ଦିବସ ପାଳନ କରାଯାଇଥିଲା। ମା’ମାନଙ୍କୁ ସମର୍ପିତ କରିବା ପାଇଁ ରାଜ୍ୟର ପ୍ରତି ଘରେ ଘରେ ଏବଂ ବିଭିନ୍ନ ସ୍ଥାନରେ ବିଶ୍ୱ ମାତୃ ଦିବସ ପାଳନ କରାଯାଉଛି।

ମାତୃ ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା’ମାନଙ୍କୁ ସେମାନଙ୍କର ତ୍ୟାଗ ଏବଂ ନିଃସ୍ୱାର୍ଥପର ସ୍ନେହ ପାଇଁ ସମ୍ମାନ ଜଣାଇଛନ୍ତି।

ଢେଙ୍କାନାଳ ସଦର ବ୍ଲକ ମହର୍ଷି ଦୟାନନ୍ଦ ମିଶନଠାରେ ମାତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମା’ମାନଙ୍କର ତ୍ୟାଗ, ଅବଦାନ, ସ୍ନେହ ବିଷୟରେ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା।

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସି ଦିବସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି 'ଆମର ନର୍ସ, ଆମ ଭବିଷ୍ୟତ-ସେବା ଯତ୍ନର ଆର୍ଥିକ ଶକ୍ତି' । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି ସହିତ ସେମାନଙ୍କର ଉନ୍ନତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଆଜି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ତର୍ଜାତୀୟ ସେବିକା ଦିବସର ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ ନର୍ସମାନଙ୍କର ଅଦମ୍ୟ ପ୍ରତିବଦ୍ଧତା, ଉତ୍ସର୍ଗୀକୃତ ସେବା ଏବଂ କରୁଣାକୁ ସମ୍ମାନ ଜଣାଇଛନ୍ତି ।

## ଭଦ୍ରକ ଓ ସୁବର୍ଣ୍ଣପୁର ପର୍ଯ୍ୟବେକ୍ଷକ

ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ନିର୍ବାଚନୀ ଖର୍ଚ୍ଚ ହିସାବ ପରିଚାଳନା ସମ୍ପର୍କିତ ବୈଠକରେ ଜିଲ୍ଲାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ହେବାକୁ ଥିବା ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୩ ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ନିର୍ବାଚନମଣ୍ଡଳୀ ଓ୍ୱାରି ପ୍ରସ୍ତୁତି ଓ ଖର୍ଚ୍ଚ ପରିଚାଳନା ସମ୍ବନ୍ଧରେ ଆଜି ସମୀକ୍ଷା କରାଯାଇଥିଲା। ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍.ଭି. ଅରୁଣ ପ୍ରସାଦ, ଟି.ଦୀପିକା କାର୍ତ୍ତିକ, ଜିତେଶ କୁମାର ଜୈନ ଯୋଗଦେଇ ବିସ୍ତୃତଭାବେ ଜିଲ୍ଲାର ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ବୀରମହାରାଜପୁର ଏବଂ ସୋନପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ଏବଂ ପ୍ରଶାସନିକ ପଦକ୍ଷେପ ଉପରେ ତର୍ଜମା କରିବା ପାଇଁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକମାନଙ୍କର ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେତେକ ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ଆଚରଣବିଧି ସୁନିଶ୍ଚିତ କରିବା, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଖର୍ଚ୍ଚର ହିସାବ ଏବଂ ପରିଚାଳନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା।

## ରାୟଗଡ଼ା ନିର୍ବାଚନ

ରାଜ୍ୟର ପ୍ରଥମ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ଲାଗି କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାୟଗଡ଼ା ଜିଲ୍ଲାର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି। ତିନୋଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୧୨୧ଟି ବୁଥ୍ ସମ୍ବେଦନଶୀଳ ଏବଂ ନକ୍ସଲ ପ୍ରବଣ ଅଞ୍ଚଳର ବୁଥ୍‌ଗୁଡ଼ିକରେ ଭିଡିଓ ରେକର୍ଡିଂ କରାଯିବା ନେଇ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

## ପାଣିପାଗ

କାଳବୈଶାଖୀ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। ଗତ ଦୁଇଦିନ ଧରି ଲାଗି ରହିଥିବା କାଳବୈଶାଖୀ ବର୍ଷା, ଝଡ଼ତୋଫାନ ଯୋଗୁଁ ତାପମାତ୍ରା ପାଖାପାଖି ୩ରୁ ୫ ଡିଗ୍ରୀ ସେଲସିୟସ୍ କମିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଗତକାଲି ରାତିରେ କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଗତକାଲି ବିଳମ୍ବିତ ରାତିରେ ରାଜଧାନୀରେ ହୋଇଥିବା ବର୍ଷାର ପରିମାଣ ୭୬ ଦଶମିକ ୮ ମିଲିମିଟର ଥିଲା। ଆସନ୍ତା ବୁଧବାର ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ଏବଂ ଶୁକ୍ରବାର ଆଡ଼କୁ ପୁଣିଥରେ ପାଗ ବଦଳିବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି। ସୂଚନା

ଅନୁସାରେ, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ସହିତ ଆଜି ୧୯ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି।

************************************